# ବଲାଙ୍ଗିରରେ ଓଡ଼ିଆ ଯୁବ ଲେଖକ ସମ୍ମିଳନୀ



ବଲାଙ୍ଗିର,୧୦।୯(ଆପ୍ର): ସାହିତ୍ୟ ଅକାଦେମି ଓ ରଚନାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପତିତପାବନ ଏକାଡେମୀର ସଭାଗୃହରେ "ଓଡ଼ିଆ ଯୁବ ଲେଖକ ସମ୍ମିଳନୀ' ହୋଇଛି। ସାହିତ୍ୟ ଅକାଦେମିର ସାଧାରଣ ପରିଷଦ ସଦସ୍ୟ ବିଜୟ ଶତପଥୀ ସଭାପତିତ୍ୱ କରିଥିବା ବେଳେ ଅକାଦେମିର ସହସଂପାଦକ କ୍ଷେତ୍ରବାସୀ ନାଏକ ସ୍ୱାଗତ ଭାଷଣ ଦେଇଥିଲେ। ଲେଖକ ତଥା ସମାଲୋଚକ କାଳିଦାସ ମିଶ୍ର ଅଧିବେଶନକୁ ଉଦଘାଟନ କରିଥିଲେ। ପ୍ରଥମ ଅଧିବେଶନରେ ଗାଳ୍ପିକ ପ୍ରଦୀପ ମିଶ୍ରଙ୍କ ଅଧକ୍ଷତାରେ କ୍ଷୁଦ୍ରଗଳ୍ପ ପାଠ କାର୍ଯ୍ୟକ୍ରମହୋଇଥିଲା। ବିଶ୍ୱନାଥ ସାହୁ, ଜଗନ୍ନାଥ ସାହୁ ଓ ଶ୍ରୁତକୀର୍ତ୍ତି ତ୍ରିପାଠୀ ଗଳ୍ପ ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ "ମୁଁ କାହିଁକି ଲେଖେ' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। କବି ଭାଗୀରଥି ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଅଧିବେଶନରେ କବି ଆନନ୍ଦ ଚନ୍ଦ୍ର ସାହୁ, ଲକ୍ଷ୍ମୀନାରାୟଣ ହୋତା, ମୁକୁଲ ମିଶ୍ର, ସଂଜୟ କୁମାର ମିଶ୍ର ଓ ସ୍ୱାଗତିକା ସ୍ୱାଇଁ ଉପସ୍ଥିତ ଥିଲେ। ଏହାପରେ ତୃତୀୟ ଅଧିବେଶନରେ କବିତା ପାଠ ହୋଇଥିଲା। କବି ପ୍ରହଲ୍ଲାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଆଶିଷ କୁମାର ମିଶ୍ର, ଜୟଦ୍ରଥ ସୁନା, ମହେଶ୍ୱର ପ୍ରଧାନ, ମମତା ପ୍ରିୟଦର୍ଶିନୀ ସାହୁ, ମୃଗେଶ ବୈଷ୍ଣବ ପାଣିଗ୍ରାହୀ ଓ ପୁଣ୍ୟଦୀପା ଖମାରୀ ପ୍ରମୁଖ କବିତା ପାଠ କରିଥିଲେ। ଅକାଦେମି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ମନୋଜ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। "ରଚନା'ର ସଭାପତି ସନାତନ ଠାକୁର ଧନ୍ୟବାଦ ଦେଇଥିଲେ।